# NATIONAL NEWS BULLETIN (ODIA)

## 18 March - 2025

## Evening Bulletin : 7.15 P.M.

*******************************

## ମୁଖ୍ୟ ସମ୍ବାଦ

- ପ୍ରୟାଗରାଜ ମହାକୁମ୍ଭ ଜନସାଧାରଣଙ୍କ ନେତୃତ୍ୱ, ସଂକଳ୍ପ ଏବଂ ଅତୁଟ ଭକ୍ତିରେ ଅନୁପ୍ରାଣିତ ହୋଇଥିଲା ବୋଲି କହିଲେ ପ୍ରଧାନମନ୍ତ୍ରୀ ।
- ଭାରତୀୟ ରେଳବାଇରେ ଗତ ୧୦ ବର୍ଷ ମଧ୍ୟରେ ୫ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଥିବା ନେଇ ସୂଚନା ଦେଲେ ରେଳମନ୍ତ୍ରୀ ।
- ଭୋଟର ପରିଚୟପତ୍ର ସହିତ ଆଧାର ସଂଯୋଗ ନେଇ ନିର୍ବାଚନ କମିଶନ୍‌ଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ।
- ଇସ୍ରାଏଲ୍ ବିମାନ ଆକ୍ରମଣରେ ଗାଜାରେ ୪୦୦କୁ ଟପିଲା ମୃତ୍ୟୁ ସଂଖ୍ୟା ।

ଏବଂ

- ସୀମାପାର୍ ବାଣିଜ୍ୟ କାରବାର ପାଇଁ ସ୍ଥାନୀୟ ମୁଦ୍ରାର ବ୍ୟବହାରକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ଆର୍.ବି.ଆଇ. ଏବଂ ବ୍ୟାଙ୍କ୍ ଅଫ୍ ମରିସସ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ।

# ଏଲ୍‌ଏସ୍-ପିଏମ୍-ମହାକୁମ୍ଭ

ପ୍ରୟାଗରାଜ ମହାକୁମ୍ଭ ଏକ ଜାଗ୍ରତ ରାଷ୍ଟ୍ରର ଭାବନାକୁ ପ୍ରତିଫଳିତ କରିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ମହାକୁମ୍ଭ ଉପରେ ଆଜି ଲୋକସଭାରେ ବିବୃତ୍ତି ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ମହାକୁମ୍ଭ ଜନସାଧାରଣଙ୍କ ନେତୃତ୍ୱ, ସେମାନଙ୍କ ସଂକଳ୍ପ ଏବଂ ଅତୁଟ ଭକ୍ତିରେ ଅନୁପ୍ରାଣିତ ହୋଇଥିଲା । ବିଶ୍ୱାସ ଏବଂ ଐତିହ୍ୟ ସହ ଯୋଡ଼ି ହେବାର ଭାବନା ଆଜିର ଭାରତର ସବୁଠାରୁ ବଡ଼ ସମ୍ପତ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଭାରତର ଭବ୍ୟତାକୁ ମହାକୁମ୍ଭ ବିଶ୍ୱ ଆଗରେ ପ୍ରଦର୍ଶିତ କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O**

ମହାକୁମ୍ଭର ସଫଳ ଆୟୋଜନ ପାଇଁ ସମାଜର ବିଭିନ୍ନ ବର୍ଗର ଲୋକଙ୍କର ପ୍ରୟାସକୁ ପ୍ରଧାନମନ୍ତ୍ରୀ ଉଚ୍ଚପ୍ରଶଂସା କରିଛନ୍ତି । ପ୍ରୟାଗରାଜର ତ୍ରିବେଣୀ ସଂଗମରୁ ପବିତ୍ର ଜଳ ନେଇ ମରିସସ୍‌ର ଗଙ୍ଗା ତଲାଓ ଠାରେ ଅର୍ପଣ କରିବା ପରିସ୍ଥିତିର ପ୍ରଧାନମନ୍ତ୍ରୀ ସ୍ମୃତିଚାରଣ କରିଥିଲେ । ଜଳସଂରକ୍ଷଣର ଗୁରୁତ୍ୱ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଆଗାମୀ ପିଢ଼ିକୁ ଜଳସଂରକ୍ଷଣର ଆବଶ୍ୟକତା ଉପରେ ଶିକ୍ଷା ପ୍ରଦାନ କରାଯିବା ଉଚିତ୍ । ଗତବର୍ଷ ଅଯୋଧ୍ୟା ରାମମନ୍ଦିରରେ ଭଗବାନ ଶ୍ରୀ ରାମଙ୍କ ପ୍ରାଣପ୍ରତିଷ୍ଠା ସମ୍ପର୍କରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି,

ଆଗାମୀ ହଜାରେ ବର୍ଷ ପାଇଁ ଭାରତ ନିଜକୁ ପ୍ରସ୍ତୁତ କରୁଛି ଏବଂ ମହାକୁମ୍ଭ ପରିସ୍ଥିତି ଏହାକୁ ଆହୁରି ସୁଦୃଢ଼ କରିଛି ।

ଅନ୍ୟ ପକ୍ଷରେ ପ୍ରଧାନମନ୍ତ୍ରୀଙ୍କ ଏହି ବିବୃତ୍ତି ଉପରେ ବିରୋଧୀ ସଦସ୍ୟମାନେ ଗୃହରେ ହଟ୍ଟଗୋଳ ସୃଷ୍ଟି କରିଥିଲେ । ବାଚସ୍ପତି ଓମ୍ ବିର୍ଲା ସଂସଦର ନିୟମ ଅନୁଯାୟୀ ପ୍ରଧାନମନ୍ତ୍ରୀ ତାଙ୍କ ବିବୃତ୍ତି ରଖିଛନ୍ତି ବୋଲି ସ୍ପଷ୍ଟ କରିଥିଲେ ।

## ପିଏମ୍-ପୋଲାଣ୍ଡ

ରୁଷିଆ-ୟୁକ୍ରେନ୍ ସଂଘର୍ଷରେ ପରମାଣୁ ଅସ୍ତ୍ର ବ୍ୟବହାର ନ କରିବାକୁ ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍‌ଙ୍କୁ ବୁଝାଇବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ପୋଲାଣ୍ଡର ଉପବୈଦେଶିକ ମନ୍ତ୍ରୀ ତଥା ବୈଦେଶିକ ସଚିବ ଓ୍ୱାଦିସାଓ ଟିଓଫିଲ୍ ବାର୍ତ୍ତୋଜ୍ୱେସ୍କି ଗଣମାଧ୍ୟମ ସହ ଆଲୋଚନା ବେଳେ ଏହା କହିଛନ୍ତି । ବିଶ୍ୱ ଶାନ୍ତି କ୍ଷେତ୍ରରେ ଭାରତର ପ୍ରୟାସ ଉପରେ ସେ ଆଲୋକପାତ କରିଛନ୍ତି । ସେ କହିଛନ୍ତି, ରାଷ୍ଟ୍ରପତି ପୁଟିନ୍‌ଙ୍କୁ ପରମାଣୁ ଅସ୍ତ୍ର ବ୍ୟବହାର ନ କରିବାକୁ ଶ୍ରୀ ମୋଦୀ ରାଜି କରାଇଥିଲେ । ରୁଷ ସହ ଭାରତର ସମ୍ପର୍କ ଅଧିକ ଦୃଢ଼ ହେବାରେ ଲାଗିଛି ବୋଲି ଶ୍ରୀ ବାର୍ତ୍ତୋଜ୍ୱେସ୍କି କହିଛନ୍ତି । ଯୁଦ୍ଧ ସମୟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ୟୁକ୍ରେନ୍ ଗସ୍ତ ଉପରେ ଆଲୋକପାତ କରି ସେ କହିଛନ୍ତି, ଏଭଳି ପଦକ୍ଷେପ ଭାରତର ନିରପେକ୍ଷ ଆଭିମୁଖ୍ୟ ଏବଂ

ଶାନ୍ତିପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି । ଭାରତର ଅଧ୍ୟକ୍ଷତାରେ ଅନୁଷ୍ଠିତ ଜି-୨୦ ବୈଠକରେ ୩୦୦ ଦ୍ୱିପାକ୍ଷିକ ବୈଠକ, ୨୦୦ ଘଣ୍ଟାର ଆଲୋଚନା ଏବଂ ୧୫ଟି ଚିଠା ପ୍ରସ୍ତୁତିରେ ଭାରତ  ସଫଳତାର ସହ ସଦସ୍ୟ ରାଷ୍ଟ୍ରମାନଙ୍କୁ ଏକାଠି କରିପାରିଥିଲା ବୋଲି ସେ କହିଛନ୍ତି । ବିଶ୍ୱ ସ୍ତରରେ ନିଜର କୂଟନୈତିକ ଦକ୍ଷତାକୁ ଭାରତ ସୁଦୃଢ଼ କରିଛି । ଏହି ଆଲୋଚନା କାଳରେ  ଶ୍ରୀ ବାର୍ତ୍ତୋଜ୍ୱେସ୍କି ଭାରତ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ମାନବିକ ସହାୟତା ମିଶନ୍ ଗୁଡ଼ିକର ଉଚ୍ଚ ପ୍ରଶଂସା କରିଛନ୍ତି ।

## ଏଲ୍‌ଏସ୍-ରେଲୱେ

ଭାରତୀୟ ରେଳବାଇରେ ଗତ ୧୦ ବର୍ଷ ମଧ୍ୟରେ ୫ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ୧ ଲକ୍ଷରୁ ଅଧିକ ପଦବୀ ପାଇଁ ନିଯୁକ୍ତି ପ୍ରକ୍ରିୟା ଜାରି ରହିଛି ବୋଲି ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ଲୋକସଭାରେ ଆଜି ଆସନ୍ତା ଆର୍ଥିକ ବର୍ଷ ପାଇଁ ରେଳ ମନ୍ତ୍ରଣାଳୟର କାର୍ଯ୍ୟକାରିତା ଉପରେ ଚାଲିଥିବା ଆଲୋଚନାର ଉତ୍ତରରେ ମନ୍ତ୍ରୀ ଶ୍ରୀ ବୈଷ୍ଣବ ଏହା କହିଛନ୍ତି । ସେ କହିଛନ୍ତି, ୨୦୨୦ ମସିହା ପରଠାରୁ ଯାତ୍ରୀ ଭଡ଼ା ଅପରିବର୍ତ୍ତିତ ରହିଛି । ଅନ୍ୟ ଦେଶଗୁଡ଼ିକ ତୁଳନାରେ ଭାରତରେ ଯାତ୍ରୀ ଭଡ଼ା କମ୍ ରହିଛି ବୋଲି ସେ କହିଛନ୍ତି ।

## V/O

ଦେଶରେ ରେଳ ଦୁର୍ଘଟଣା ହ୍ରାସ କରିବାକୁ ସରକାର ଗୁରୁତ୍ୱ ପ୍ରଦାନ କରିଛନ୍ତି । ରେଳବାଇ କ୍ଷେତ୍ରରେ ଅନେକ ବୈଷୟିକ ପରିବର୍ତ୍ତନ କରାଯାଇଛି ଏବଂ ସୁରକ୍ଷା ବ୍ୟବସ୍ଥାରେ ମଧ୍ୟ ଉନ୍ନତି ଅଣାଯାଇଛି । ଭାରତୀୟ ରେଳବାଇ ଏକ ବଡ଼ ରପ୍ତାନୀକାରୀ ସଂସ୍ଥା ଭାବେ ନିଜକୁ ପ୍ରତିପାଦନ କରିଛି । ଅଷ୍ଟ୍ରେଲିଆକୁ ମେଟ୍ରୋ କୋଚ୍, ବ୍ରିଟେନ୍, ସାଉଦିଆରବ ଏବଂ ଫ୍ରାନ୍ସକୁ ଯାତ୍ରୀବାହି କୋଚ୍, ମେକ୍ସିକୋ, ସ୍ପେନ୍, ଜର୍ମାନୀ ଏବଂ ଇଟାଲୀକୁ ରେଳ ଚଳାଚଳ ଉପକରଣ ରପ୍ତାନୀ କରାଯାଉଛି ।

ଚଳିତ ବର୍ଷ ଦେଶରେ ୧ ହଜାର ୪୦୦ ଲୋକମୋଟିଭ୍ ଇଞ୍ଜିନ୍ ଉତ୍ପାଦିତ ହୋଇଛି, ଯାହା ଆମେରିକା ଏବଂ ୟୁରୋପର ମିଳିତ ଉତ୍ପାଦନ ଠାରୁ ଅଧିକ ବୋଲି ରେଳମନ୍ତ୍ରୀ ସୂଚନା ଦେଇଛନ୍ତି । ସେ କହିଛନ୍ତି, ରେଳ ଭିତ୍ତିଭୂମିରେ ଅନେକ ଉନ୍ନତି ପରିଲକ୍ଷିତ ହୋଇଛି । ୩୪ ହଜାର କିଲୋମିଟର ରେଳପଥ ନିର୍ମାଣ କରାଯାଇଛି, ଯାହା ଜର୍ମାନୀର ସମଗ୍ର ରେଳନେଟ୍‌ୱର୍କ ଠାରୁ ଅଧିକ । ୫୦ ହଜାର କିଲୋମିଟର ରେଳପଥକୁ ବଦଳାଯାଇ ନୂଆ ରେଳପଥ ନିର୍ମାଣ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି ।

# ସିଇସି-ମିଟ୍-ଭୋଟର ଆଇଡି-ଆଧାର

ଭୋଟର ପରିଚୟପତ୍ର ସହିତ ଆଧାର ସଂଯୋଗ ନେଇ ନିର୍ବାଚନ କମିଶନ୍‌ଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି । ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ସମ୍ବିଧାନର ଧାରା ୩୨୬ ଏବଂ ଜନପ୍ରତିନିଧି ଆଇନ୍ ୧୯୫୦ ଆଧାରରେ ଏହି ଅଭିଯାନ ପାଇଁ ନିଷ୍ପତ୍ତି ନିଆଯାଇଛି । ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ, ସଂସଦୀୟ ବିଭାଗ ଏବଂ ୟୁ.ଆଇ.ଡି.ଏ.ଆଇ.ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମଧ୍ୟରେ ଆଜି ନୂଆଦିଲ୍ଲୀ ଠାରେ ଏ ନେଇ ବୈଠକ ଅନୁଷ୍ଠିତ ହୋଇଛି । ନିର୍ବାଚନ କମିଶନ୍ ଦେଇଥିବା ସୂଚନା ଅନୁଯାୟୀ ଖୁବ୍ ଶୀଘ୍ର ୟୁ.ଆଇ.ଡି.ଏ.ଆଇ. ଏବଂ ନିର୍ବାଚନ କମିଶନ୍‌ଙ୍କ ବୈଷୟିକ ବିଶେଷଜ୍ଞଙ୍କ ମଧ୍ୟରେ ଆଲୋଚନା ବୈଠକ ଅନୁଷ୍ଠିତ ହେବ । ନକଲି ଭୋଟର ପରିଚୟପତ୍ର ସମସ୍ୟାର ସମାଧାନ ଲକ୍ଷ୍ୟରେ  ରାଜନୈତିକ ଦଳଗୁଡ଼ିକର କ୍ଷେତ୍ରୀୟ କର୍ମକର୍ତ୍ତାଙ୍କୁ ସେମାନଙ୍କ ଭୂମିକା ଉପରେ ପ୍ରଶିକ୍ଷଣ ପ୍ରଦାନ କରିବାକୁ ପଦକ୍ଷେପ ନିଆଯାଇଛି । ଏଥିପାଇଁ ୩ ମାସର ସମୟସୀମା ଧାର୍ଯ୍ୟ କରାଯାଇଛି । ଭବିଷ୍ୟତରେ କୌଣସି ମତଦାନ କେନ୍ଦ୍ରରେ  ୧୨୦୦ରୁ ଅଧିକ ମତଦାତାଙ୍କୁ ତାଲିକାଭୁକ୍ତ ନ କରିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ନିର୍ବାଚନ କମିଶନ୍ ସୂଚନା ଦେଇଛନ୍ତି ।

## ପିଏମ୍-ସୁନୀତା ୱିଲିୟମ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନାସା ମହାକାଶଚାରୀ ସୁନୀତା ୱିଲିୟମ୍ସଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ କାମନା କରିଛନ୍ତି । ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ପ୍ରାୟ ୯ ମାସ ଧରି ରହିବା ପରେ ମହାକାଶଚାରୀ ସୁନୀତା ୱିଲିୟମ୍ସ ଏବଂ ବୁଚ୍ ୱିଲ୍‌ମୋର୍ ଆସନ୍ତାକାଲି ଆମେରିକାର ଫ୍ଲୋରିଡ଼ା ସମୁଦ୍ର ଉପକୂଳରେ ଅବତରଣ କରିବେ ବୋଲି ନାସା ପକ୍ଷରୁ ସୂଚନା ଦିଆଯାଇଛି । ମହାକାଶରୁ ଫେରିବା ପରେ ଭାରତ ଗସ୍ତରେ ଆସିବାକୁ ପ୍ରଧାନମନ୍ତ୍ରୀ  ଶ୍ରୀ ମୋଦୀ ସୁନୀତା ୱିଲିୟମ୍ସଙ୍କୁ ନିମନ୍ତ୍ରଣ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଲିଖିତ ଏ ସଂକ୍ରାନ୍ତ ଚିଠିକୁ ଆଜି ସାମାଜିକ ଗଣମାଧ୍ୟମରେ କେନ୍ଦ୍ର ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ପୋଷ୍ଟ କରିଛନ୍ତି । ସୁନୀତାଙ୍କ ସଫଳତାରେ ୧୪୦ କୋଟି ଭାରତୀୟ ଗର୍ବିତ ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ।

## ଇସ୍ରାଏଲ୍-ଏୟାର୍‌ଷ୍ଟ୍ରାଇକ୍

ଗାଜାରେ ଇସ୍ରାଏଲ୍ ବିମାନ୍ ଆକ୍ରମଣରେ ମୃତ୍ୟୁ ସଂଖ୍ୟା ୪୦୦କୁ ଟପିଛି । ସଶସ୍ତ୍ର ସଂଗଠନ ହମାସ୍ ଦ୍ୱାରା ପରିଚାଳିତ ପାଲେନ୍‌ଷ୍ଟାଇନ୍ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ଦେଇଥିବା ସୂଚନା ଅନୁଯାୟୀ ଏହି ଆକ୍ରମଣରେ ୫୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି ।  ଦୁଇ ମାସର ଅସ୍ତ୍ରବିରତି ଅବଧି

ସରିବା ପରେ ଇସ୍ରାଏଲ୍ ପକ୍ଷରୁ ଏଭଳି ଆକ୍ରମଣ ହୋଇଛି । ଅସ୍ତ୍ରବିରତି ସମୟସୀମା ବୃଦ୍ଧି ନେଇ ଆଲୋଚନା ବିଫଳ ହେବା ପରେ ଇସ୍ରାଏଲ୍ ସେନା ପକ୍ଷରୁ ଆକ୍ରମଣକୁ ଜୋର୍‌ଦାର କରାଯାଇଥିବା ଜଣାପଡ଼ିଛି । ଗତ ଜାନୁଆରୀ ୧୯ ତାରିଖରେ ଇସ୍ରାଏଲ୍ ଏବଂ ହମାସ ମଧ୍ୟରେ ଅସ୍ତ୍ରବିରତି ସମୟସୀମା ଆରମ୍ଭ ହେବା ପରେ ଏହା ହେଉଛି ସବୁଠାରୁ ବଡ଼ ସାମରିକ ଅଭିଯାନ ।

ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତ୍ୟାନ୍ୟାହୁଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି, ଇସ୍ରାଏଲ୍ ପଣବନ୍ଦୀଙ୍କୁ ମୁକ୍ତ ଏବଂ ଅସ୍ତ୍ରବିରତି ସମୟସୀମା ବୃଦ୍ଧି ପ୍ରସ୍ତାବକୁ ହମାସ ରାଜି ହେଉନଥିବା ନେଇ ଇସ୍ରାଏଲ୍ ଅଭିଯୋଗ କରିଛି । ହମାସ ଉପରେ ଆକ୍ରମଣକୁ ଆହୁରି ତୀବ୍ର କରାଯିବ ବୋଲି ଇସ୍ରାଏଲ୍ ସୂଚନା ଦେଇଛି ।

ସୂଚନା ଯୋଗ୍ୟ ଗତ ୨୦୨୩ ଅକ୍ଟୋବର ୭ ତାରିଖରେ ଇସ୍ରାଏଲ୍ ଉପରେ ହୋଇଥିବା ଆକ୍ରମଣରେ ହମାସ୍ ପଣବନ୍ଦୀ କରି ରଖିଥିବା ୨୫୦ ଜଣଙ୍କ ମଧ୍ୟରୁ ଏବେ ମଧ୍ୟ ୫୯ ଜଣ ପଣବନ୍ଦୀ ମୁକ୍ତ ହୋଇନଥିବା ସୂଚନା ମିଳିଛି । ଦୁଇପକ୍ଷ ମଧ୍ୟରେ ମଧ୍ୟସ୍ଥତା କରୁଥିବା ରାଷ୍ଟ୍ରଗୁଡ଼ିକ ମଧ୍ୟରୁ ଅନ୍ୟତମ ଇଜିପ୍ଟ ଏ କ୍ଷେତ୍ରରେ ସଂଯମ ରକ୍ଷା ପାଇଁ ଆହ୍ୱାନ ଦେଇଛି । ସ୍ଥାୟୀ ଅସ୍ତ୍ରବିରତି ଦିଗରେ କାର୍ଯ୍ୟ କରିବାକୁ ସମସ୍ତଙ୍କୁ ଇଜିପ୍ଟ ପକ୍ଷରୁ ପରାମର୍ଶ ଦିଆଯାଇଛି ।

# ଆର୍‌ବିଆଇ-ଏମ୍‌ଓୟୁ

ସୀମାପାର୍ ବାଣିଜ୍ୟ କାରବାର ପାଇଁ ସ୍ଥାନୀୟ ମୁଦ୍ରାର ବ୍ୟବହାରକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଏବଂ ବ୍ୟାଙ୍କ୍ ଅଫ୍ ମରିସସ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ସ୍ଥାନୀୟ ମୁଦ୍ରା ବ୍ୟବହାର ସମ୍ପର୍କରେ ଏକ ରୂପରେଖ ପ୍ରସ୍ତୁତ କରିବାକୁ ଏହି ବୁଝାମଣାପତ୍ର ହୋଇଛି । ଆର୍.ବି.ଆଇ. ଦେଇଥିବା ସୂଚନା ଅନୁଯାୟୀ ଦୁଇ ଦେଶ ମଧ୍ୟରେ ସ୍ଥାନୀୟ ମୁଦ୍ରା ବ୍ୟବହାରକୁ ସୁଗମ କରିବା ଲକ୍ଷ୍ୟ ନେଇ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ରପ୍ତାନୀ ଏବଂ ଆମଦାନୀ କ୍ଷେତ୍ରକୁ ଏହା ଅଧିକ ସଶକ୍ତ କରିବ ବୋଲି ଆଶା କରାଯାଇଛି । ସ୍ଥାନୀୟ ମୁଦ୍ରାର ବ୍ୟବହାର ଦ୍ୱିପାକ୍ଷିକ ବାଣିଜ୍ୟିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ସହ ଆର୍ଥିକ ଏକୀକରଣକୁ ତ୍ୱରାନ୍ୱିତ କରିବ ବୋଲି ଆର୍.ବି.ଆଇ. କହିଛି ।

# ପିଏମ୍-ଜର୍ମାନ ସିଙ୍ଗର

ଭାରତୀୟ ସଂସ୍କୃତିକୁ ବିଶ୍ୱସ୍ତରରେ ପ୍ରୋତ୍ସାହାନ ପ୍ରଦାନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜର୍ମାନ କଣ୍ଠଶିଳ୍ପୀ କାସ୍ମେଙ୍କ ପ୍ରଶଂସା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ସାଂସ୍କୃତିକ ଆଦାନପ୍ରଦାନ କ୍ଷେତ୍ରରେ ସମ୍ପର୍କକୁ ସୁଦୃଢ଼ କରିବାରେ କଣ୍ଠଶିଳ୍ପ

କାସ୍ତ୍ନେଙ୍କ ଭୂମିକା ଉଲ୍ଲେଖନୀୟ । କାସ୍ତ୍ନେ ଏବଂ ଅନ୍ୟ ବ୍ୟକ୍ତିବିଶେଷଙ୍କର ଉତ୍ସର୍ଗୀକୃତ ପ୍ରୟାସ ଯୋଗୁଁ ଭାରତର ସମୃଦ୍ଧ ଐତିହ୍ୟ ପରମ୍ପରା ଏବଂ ବିବିଧତା ବିଶ୍ୱରେ ପ୍ରଦର୍ଶିତ ହୋଇପାରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।